**୨୦୨୧-୨୨ ବର୍ଷ ପାଇଁ ୧.୭ ଲକ୍ଷ କୋଟିର ବଜେଟ୍**

# କୃଷି, ସ୍ୱାସ୍ଥ୍ୟ ଓ ପାନୀୟଜଳକୁ ଗୁରୁତ୍ୱ



ଭୁବନେଶ୍ୱର,୨୨।୨/ଏନ୍ଏନ୍ଏସ୍:

ମହାମାରୀ କରୋନାର ଗୁରୁତର ପ୍ରଭାବ ସତ୍ତ୍ୱେ ରାଜ୍ୟ ସରକାର ପୂର୍ବ ବଜେଟ୍ ତୁଳନାରେ ଚଳିତ ବଜେଟ୍‌ରେ ୧୩ ପ୍ରତିଶତ ଅଧିକ ଅର୍ଥବରାଦ କରିଛନ୍ତି। ଜନସାଧାରଣଙ୍କ ଜୀବନ ଓ ଜୀବିକାର ସୁରକ୍ଷା ନିମନ୍ତେ ଖର୍ଚ୍ଚ କ୍ଷେତ୍ରରେ ଆଦୌ ସାଲିସ କରାଯାଇ ନାହିଁ। ବଜେଟରେ ସ୍ୱାସ୍ଥ୍ୟ, କୃଷି ଓ ପାଇପ ଯୋଗେ ପାନୀୟ ଜଳ ଯୋଗାଣ ଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି। ଐତିହ୍ୟ ସୁରକ୍ଷା ଓ ଉଚ୍ଚ ଶିକ୍ଷାକୁ ମଧ୍ୟ ସରକାର ଅବହେଳା କରିନାହାନ୍ତି। ବିଭିନ୍ନ କ୍ଷେତ୍ରରେ ଏକ ବୃହତ୍ ବ୍ୟୟ ଯୋଜନାକୁ ଦୃଷ୍ଟିରେ ରଖି ସରକାର ୨୦୨୧।୨୨ ଆର୍ଥିକ ବର୍ଷରେ ବଜେଟ୍‌ର କଳେବରକୁ ୧ ଲକ୍ଷ ୭୦ ହଜାର କୋଟିକୁ ବୃଦ୍ଧି କରିଛନ୍ତି। ହେଲେ ୨୦୨୦।୨୧ରେ ବଜେଟ୍ ପରିମାଣ ଥିଲା ୧ ଲକ୍ଷ ୫୦ ହଜାର କୋଟି। ବଜେଟ୍‌ରେ ପ୍ରାୟ ୨୦ ହଜାର କୋଟି ଟଙ୍କାର ଅଧିକ ଅର୍ଥ ବ୍ୟବସ୍ଥା ହୋଇଛି।

ସୋମବାର ବିଧାନସଭାରେ ରାଜ୍ୟ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ପୂର୍ଣ୍ଣାଙ୍ଗ ବଜେଟ୍ ଉପସ୍ଥାପନ କରିଛନ୍ତି। ରାଜ୍ୟରେ ୧୯୯୯।୨୦୦୦ ଆର୍ଥିକ ବର୍ଷରୁ ୨୦୨୦।୨୧ ଆର୍ଥିକ ବର୍ଷ ମଧ୍ୟରେ ରାଜ୍ୟ ବଜେଟ୍‌ର ଆକାର, ସାମଗ୍ରିକ ରାଜ୍ୟ ଘରୋଇ ଉତ୍ପାଦ ୧୬ ପ୍ରତିଶତରୁ ବୃଦ୍ଧି ପାଇ ୨୬ ପ୍ରତିଶତରେ ପହଞ୍ଚିଛି। ଏଥିରେ ପୁଞ୍ଜି ବ୍ୟୟ ବରାଦ ୨୫,୭୮୮ କୋଟି ଟଙ୍କା କରାଯାଇଛି। ପ୍ରଶାସନିକ ବ୍ୟୟ ନିମନ୍ତେ ୮୫ ହଜାର କୋଟି, କାର୍ଯ୍ୟକ୍ରମ ବ୍ୟୟ ବାବଦକୁ ୭୫ ହଜାର କୋଟି, ବିପର୍ଯ୍ୟୟ ପ୍ରଶମନ ବ୍ୟୟ ଲାଗି ୩ ହଜାର ୫୦ କୋଟି ଟଙ୍କା ଏବଂ ସ୍ଥାନୀୟ ନିକାୟ ସଂସ୍ଥା ଓ ଉନ୍ନୟନ ସଂସ୍ଥାକୁ ହସ୍ତାନ୍ତର ପାଇଁ ୬,୯୫୦ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି।

ବଜେଟ୍ ଉପସ୍ଥାପନ କରିବା ପରେ ଅର୍ଥମନ୍ତ୍ରୀ ଶ୍ରୀ ପୂଜାରୀ ସାମ୍ବାଦିକ ସମ୍ମିଳନୀରେ ଦୁଇଟି ଗୁରୁତ୍ୱପୂର୍ଣ୍ଣ କଥା କହିଛନ୍ତି। ତାହା ହେଉଛି 'କରୋନା' ଯୋଗୁଁ ଖର୍ଚ୍ଚର ଧାରା ପ୍ରଭାବିତ ହୋଇଛି ଏବଂ 'କେନ୍ଦ୍ରୀୟ ହସ୍ତାନ୍ତର' ଅଂଶଧନ କମିଛି। କୋଭିଡ୍‌ର ପ୍ରଭାବ ରାଜ୍ୟ ଅର୍ଥବ୍ୟବସ୍ଥା ଉପରେ ଆଗକୁ ପଡ଼ିବ, ହେଲେ ସରକାର ମହାମାରୀ ସଙ୍କଟରୁ ମୁକୁଳିବା ପାଇଁ ଅନେକ ଜରୁରୀ ପଦକ୍ଷେପ ଗ୍ରହଣ କରିଛନ୍ତି। ସଠିକ୍ ପରିଚାଳନା ଓ ସଂସ୍କାରମୂଳକ ପଦକ୍ଷେପ ଯୋଗୁଁ ତାହାକୁ ଅନେକାଂଶରେ ପ୍ରତିହତ କରାଯାଇ ପାରିଛି। ଆମେ ଅଣ୍ଟା ସଳଖି ଛିଡ଼ା ହେବାର ସାହାସ ଜୁଟାଇ ପାରିଛୁ। ତେଣୁ ସରକାର କୋଭିଡ୍ ପରବର୍ତ୍ତୀ ଜୀବନ-ଜୀବିକାର ସୁରକ୍ଷା ଉପରେ ଅଧିକ ଗୁରୁତ୍ୱ ଦେଇଛନ୍ତି। ବିକାଶ ପକ୍ରିୟା ପୁନର୍ବାର ତ୍ୱରାନ୍ୱିତ କରାଯାଇଛି। ବିଶେଷକରି ସ୍ୱାସ୍ଥ୍ୟ, କୃଷି, ଜୀବିକା, ଶିଳ୍ପ, ଗ୍ରାମ୍ୟ ଭିତ୍ତିଭୂମି ବିକାଶ ଓ ପାନୀୟ ଜଳ ପାଇଁ ବଜେଟ୍‌ରେ ଅଧିକ ଅର୍ଥ ବରାଦ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୂରଦର୍ଶୀ ନିଷ୍ପତ୍ତି ଯୋଗୁଁ ରାଜ୍ୟ ବିଶେଷ କ୍ଷତିଗ୍ରସ୍ତ ହୋଇନାହିଁ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଓଡ଼ିଶାକୁ ପ୍ରଶଂସା କରିଛି।

ଗତ ୧୮ ଫେବୃଆରୀ ୨୦୨୦ରେ ବିଧାନସଭାରେ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ୧ ଲକ୍ଷ ୫୦ ହଜାର କୋଟି ଟଙ୍କାର ପୂର୍ଣ୍ଣାଙ୍ଗ ବଜେଟ୍ ଉପସ୍ଥାପନ କରିଥିଲେ। କୋଭିଡ୍ ମହାମାରୀ ପ୍ରଭାବିତ ହେବା ପୂର୍ବରୁ ସେହି ବଜେଟ୍ ପ୍ରସ୍ତୁତ ହୋଇଥିଲା। ପୁଣି କୋଭିଡ୍ କାୟା ▶▶ ୭

## ବିକାଶଶୀଳ ବଜେଟ୍



୨୦୨୧-୨୨ ଆର୍ଥିକ ବର୍ଷର ବଜେଟ୍‌କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭୂରି ଭୂରି ପ୍ରଶଂସା କରିଛନ୍ତି। ଏହି ବଜେଟ୍ ରାଜ୍ୟର ଜନତାଙ୍କ ହିତପାଇଁ ଏକ ବିକାଶଶୀଳ ବଜେଟ୍ ବୋଲି ମୁଖ୍ୟମନ୍ତ୍ରୀ ଟ୍ୱିଟ୍‌କରି କହିଛନ୍ତି। ଶ୍ରୀ ପଟ୍ଟନାୟକ ଲେଖିଛନ୍ତି ଯେ ଏହା ଏକ ଜନକଲ୍ୟାଣକାରୀ, ବିକାଶଶୀଳ ଓ ରୂପାନ୍ତରିତ ବଜେଟ୍; ଯାହାକି ନୂତନ ଓଡ଼ିଶା-ସଶକ୍ତ ଓଡ଼ିଶା ଗଠନ ଦିଗରେ ଯାତ୍ରାରେ ଯୋଡ଼ିହୋଇଛି। ଗତବର୍ଷର ଅଧିକାଂଶ ସମୟ ଆମେ କୋଭିଡ୍ ଲକଡାଉନରେ ହରାଇଛୁ। ସେତେବେଳର ପରିଦୃଶ୍ୟରୁ ବର୍ତ୍ତମାନର ସାମଗ୍ରୀକ, ଆର୍ଥିକ ଦୃଷ୍ଟିରୁ ପରିପୂର୍ଣ୍ଣ ଏହି ୧ ଲକ୍ଷ ୭୬ହଜାର କୋଟି ଟଙ୍କାର ବଜେଟ୍ ଉପସ୍ଥାପନ କରିବା କୌଣସି ଉଲ୍ଲେଖନୀୟ କାର୍ଯ୍ୟଠୁ କମ୍ ନୁହେଁ। ଏହାସହ ଏହି ବଜେଟ୍ ପ୍ରସ୍ତୁତି ପ୍ରକ୍ରିୟାରେ ସାମିଲ୍ ସମସ୍ତଙ୍କୁ ମୁଖ୍ୟମନ୍ତ୍ରୀ ଅଭିନନ୍ଦନ ଜଣାଇଛନ୍ତି। ସେହିଭଳି ବଜେଟ୍ ଉପସ୍ଥାପନ ପୂର୍ବରୁ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ▶▶ ୭

## ₹ ଆସିବ କେଉଁଠୁ




## ₹ ଯିବ କୁଆଡ଼େ




## ବଜେଟ୍‌ର ଏକ ଝଲକ

| | | ୨୦୧୯-୨୦ ବାସ୍ତବ ଆୟ ବା ବ୍ୟୟ | ୨୦୨୦-୨୧ ପୂର୍ବ ଆକଳନ | ୨୦୨୦-୨୧ ସଂଶୋଧିତ ଆକଳନ | ୨୦୨୧-୨୨ ପୂର୍ବ ଆକଳନ |
|---|---|---|---|---|---|
| ୧ | ରାଜସ୍ୱ ପ୍ରାପ୍ତି (କ+ଖ+ଗ+ଘ) | ୧୦୧୫୬୭.୭୫ | ୧୨୪୩୦୦.୦୦ | ୧୦୭୨୦୦.୦୦ | ୧୨୫୬୦୦.୦୦ |
| | କ. ନିଜ ଟିକସ ରାଜସ୍ୱ | ୩୨୩୧୨୫.୧୮ | ୩୮୩୫୦.୦୦ | ୩୨୫୦୦.୦୦ | ୩୭୫୦୦.୦୦ |
| | ଖ. ନିଜ ଅଣଟିକସ ରାଜସ୍ୱ | ୧୪୬୪୭.୨୦ | ୧୭୬୫୦.୦୦ | ୨୧୦୦୦.୦୦ | ୨୦୦୦୦.୦୦ |
| | ମୋଟ ନିଜ ରାଜସ୍ୱ (କ+ଖ) | ୪୬୯୬୨.୩୭ | ୫୬୦୦୦.୦୦ | ୫୩୫୦୦.୦୦ | ୫୭୫୦୦.୦୦ |
| | ଗ. କେନ୍ଦ୍ରୀୟ ଟିକସରୁ ରାଜ୍ୟ ଅଂଶ | ୩୦୪୫୩.୨୭ | ୩୬୨୯୯.୭୪ | ୨୫୪୫୯.୬୩ | ୩୦୧୩୬.୬୮ |
| | ଘ. ସହାୟକ ଅନୁଦାନ | ୨୪୧୫୨.୧୦ | ୩୨୦୦୦.୨୬ | ୨୮୨୪୦.୩୭ | ୩୭୯୬୩.୩୨ |
| | ମୋଟ କେନ୍ଦ୍ରୀୟ ହସ୍ତାନ୍ତର (କ+ଖ+ଗ+ଘ) | ୫୪୬୦୫.୩୭ | ୬୮୩୦୦.୦୦ | ୫୩୭୦୦.୦୦ | ୬୮୧୦୦.୦୦ |
| ୨ | ପୁଞ୍ଜି ପ୍ରାପ୍ତି (କ+ଖ+ଗ) | ୨୩୫୯୯.୮୮ | ୨୫୭୦୦.୦୦ | ୨୭୮୦୦.୦୦ | ୪୪୪୦୦.୦୦ |
| | କ. ଋଣ ଅସୁଲ | ୨୮୭.୧୬ | ୨୫୦.୦୦ | ୫୫୦.୦୦ | ୪୧୪.୦୦ |
| | ଖ. ଅନ୍ୟାନ୍ୟ ପ୍ରାପ୍ତି | ୦.୦୦ | ୦.୦୦ | ୦.୦୦ | ୦.୦୦ |
| | ଗ. ଋଣ ଏବଂ ଅନ୍ୟାନ୍ୟ ଦାୟିତ୍ୱ | ୨୩୩୧୨.୭୨ | ୨୫୪୫୦.୦୦ | ୨୭୨୫୦.୦୦ | ୪୩୯୮୬.୦୦ |
| ୩ | ମୋଟ ପ୍ରାପ୍ତି (୧+୨) | ୧୨୫୧୬୭.୬୩ | ୧୫୦୦୦୦.୦୦ | ୧୩୫୦୦୦.୦୦ | ୧୭୦୦୦୦.୦୦ |
| ୪ | ମୋଟ ବ୍ୟୟ (୫+୬) | ୧୨୫୧୬୭.୬୩ | ୧୫୦୦୦୦.୦୦ | ୧୩୫୦୦୦.୦୦ | ୧୭୦୦୦୦.୦୦ |
| ୫ | ରାଜସ୍ୱ ବ୍ୟୟ (ତନ୍ମଧ୍ୟରୁ) | ୯୯୧୩୭.୩୦ | ୧୧୪୭୯୦.୮୬ | ୧୦୪୮୬୩.୯୦ | ୧୧୯୫୬୭.୧୯ |
| | କ. ସୁଧ ପରିଶୋଧ | ୬୦୬୨.୫୬ | ୭୧୬୦.୦୦ | ୭୧୬୦.୦୦ | ୮୦୦୦.୦୦ |
| ୬ | ପୁଞ୍ଜି ବ୍ୟୟ (ତନ୍ମଧ୍ୟରୁ) | ୨୬୦୩୦.୩୩ | ୩୫୨୦୯.୧୪ | ୩୦୧୩୬.୦୯ | ୫୦୪୩୨.୮୧ |
| | କ. ଋଣ ପରିଶୋଧ | ୪୪୯୩.୭୫ | ୭୫୭୨.୦୦ | ୯୪୮୫.୦୪ | ୨୩୫୨୧.୦୧ |
| ୭ | ବଳକା ରାଜସ୍ୱ (୧-୫) | ୨୪୩୦.୪୫ | ୯୫୦୯.୧୪ | ୨୩୩୬.୦୯ | ୬୦୩୨.୮୧ |
| | ରାଜ୍ୟ ସାମଗ୍ରିକ ଘରୋଇ ଉତ୍ପାଦର ପ୍ରତିଶତ | ୦.୪୭ | ୧.୫୯ | ୦.୪୬ | ୧.୦୩ |
| ୮ | ବଳକା ବିତ୍ତ (୧+୨କ+୨ଖ)-୪ | -୧୧୮୧୮.୯୭ | -୧୭୮୨୮.୦୦ | -୧୭୭୬୪.୯୬ | -୨୦୪୬୪.୯୯ |
| | ରାଜ୍ୟ ସାମଗ୍ରିକ ଘରୋଇ ଉତ୍ପାଦର ପ୍ରତିଶତ | -୩.୬୧ | -୩.୦୦ | -୩.୪୯ | -୩.୪୯ |
| ୯ | ପ୍ରାଥମିକ ବଳକା (୮+୫) | -୧୨୭୫୬.୪୧ | -୧୦୭୧୮.୦୦ | -୧୦୬୦୪.୯୬ | -୧୨୪୬୪.୯୯ |
| | ରାଜ୍ୟ ସାମଗ୍ରିକ ଘରୋଇ ଉତ୍ପାଦର ପ୍ରତିଶତ | -୨.୪୫ | -୧.୮୦ | -୨.୦୮ | -୨.୧୩ |

ବି.ଦ୍ର.: '-' ନିଅଣକୁ ସୂଚୀତ କରେ, '+' ବଳକାକୁ ସୂଚୀତ କରେ

## ବଜେଟ୍‌ର ତୁଳନାତ୍ମକ ଚିତ୍ର

| ବିଭାଗ (ବ୍ୟୟବରାଦ କୋଟିରେ) | ୨୦୨୧-୨୧ (ସଂଶୋଧିତ ଆକଳନ) | ୨୦୨୧-୨୨ (ବଜେଟ ଆକଳନ) |
|---|---|---|
| ପ୍ରଶାସନିକ ବ୍ୟୟ | ୬୩୧୫୦ | ୮୫୦୦୦ |
| କାର୍ଯ୍ୟକ୍ରମ ବ୍ୟୟ | ୬୨,୦୦୦ | ୭୫,୦୦୦ |
| ବିପର୍ଯ୍ୟୟ ପ୍ରଶମନ ବ୍ୟୟ | ୨୭୦୦ | ୩୦୫୦ |
| ସ୍ଥାନୀୟ ନିକାୟ ସଂସ୍ଥା ଓ ଉନ୍ନୟନ ସଂସ୍ଥା ପାଇଁ | ୭୧୫୦ | ୬୯୫୦ |
| ମୋଟ | ୧,୩୫,୦୦୦ | ୧,୭୦,୦୦୦ |

## କୃଷି କ୍ଷେତ୍ରକୁ ୫ଗୁଣ ଅଧିକ ଅର୍ଥ

ଭୁବନେଶ୍ୱର: ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ଆଜି ବିଧାନସଭାରେ ୨୦୨୧।୨୨ ବର୍ଷ ପାଇଁ ସ୍ୱତନ୍ତ୍ର କୃଷି ବଜେଟ୍ ଉପସ୍ଥାପନ କରିଥିଲେ। ଯାହାର ଅଟକଳ ରହିଛି ୧୭ ହଜାର ୪୬୮ କୋଟି ଟଙ୍କା। ୨୦୧୩।୧୪ ଆର୍ଥିକ ବର୍ଷରେ ରାଜ୍ୟରେ ପ୍ରଥମ ଥର ପାଇଁ ୭ ହଜାର ୧୬୨ କୋଟି ଟଙ୍କା ବ୍ୟୟ ଅଟକଳର ସ୍ୱତନ୍ତ୍ର କୃଷି ବଜେଟ୍ ଆଗତ ହୋଇଥିଲା। ତେବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କର ବଳିଷ୍ଠ ନେତୃତ୍ୱ ଯୋଗୁଁ ୨୦୨୧।୨୨ ଆର୍ଥିକ ବର୍ଷ ସୁଦ୍ଧା ଏହି ବଜେଟ୍‌ରେ ଅଧିକ ୧୦ ହଜାର କୋଟି ବ୍ୟବସ୍ଥା ହୋଇପାରିଛି। ଏଥିସହ ସେ



ଏହି ସ୍ୱତନ୍ତ୍ର ବଜେଟ୍‌କୁ କୃଷି ଓ ଆନୁସଙ୍ଗିକ କ୍ଷେତ୍ରର ବିକାଶ ଓ କୃଷକମାନଙ୍କର ଶସକ୍ତୀକରଣ ପାଇଁ ଉତ୍ସର୍ଗ କରିଛନ୍ତି।

ଏହି ବଜେଟ୍ ଉପସ୍ଥାପନ ବେଳେ ଶ୍ରୀ ପୂଜାରୀ କହିଥିଲେ ଯେ କୃଷି ଓ ଆନୁଷଙ୍ଗିକ କ୍ଷେତ୍ର ସବୁଠୁ ବଡ଼ ନିଯୁକ୍ତି କ୍ଷେତ୍ର। ରାଜ୍ୟର ମୋଟ ଶ୍ରମବଳର ପ୍ରାୟତଃ ୫୦ ପ୍ରତିଶତ ଲୋକଙ୍କୁ କୃଷି କ୍ଷେତ୍ର ହିଁ ଜୀବିକା ଯୋଗାଇଥାଏ। ୨୦୨୦।୨୧ରେ ଏହି କ୍ଷେତ୍ରର ଯୋଗଦାନ ରାଜ୍ୟର ଜିଏସଡିଏର ପ୍ରାୟ ୨୧ ପ୍ରତିଶତ। ଏହି ପରିପ୍ରେକ୍ଷୀରେ ରାଜ୍ୟର କୃଷି ବିକାଶକୁ ଆହୁରି ତ୍ୱରାନ୍ୱିତ କରିବା ସହ ଦାରିଦ୍ର୍ୟ ହ୍ରାସ ଲକ୍ଷ୍ୟ ନେଇ ୨୦୧୮।୧୯ ଆର୍ଥିକ ବର୍ଷରୁ କାଳିଆ ଯୋଜନା ପ୍ରଣୟନ କରାଯାଇଛି। ଏବେ କାଳିଆ ଯୋଜନା ପରିସର ଭୁକ୍ତ ▶▶ ୭

## ବଜେଟ୍‌ର ମୁଖ୍ୟାଂଶ

- ଏସ୍‌ସିବିକୁ 'ଏମ୍ସ ପ୍ଲସ୍' ପାଇଁ ୩ ବର୍ଷରେ ୩୫୦୦ କୋଟି
- କାଳିଆ ଯୋଜନାରେ ୧୮୦୦ କୋଟି
- ଅବଢ଼ା ଯୋଜନାରେ ଖର୍ଚ୍ଚହେବ ୫୪୨ କୋଟି
- 'ଏକାମ୍ର ଯୋଜନା' ପାଇଁ ୨୦୦ କୋଟି
- 'ସମଲେଇ ଯୋଜନା' ପାଇଁ ୨୦୦ କୋଟି
- ରାଉରକେଲାରେ ହକି ଷ୍ଟାଡିୟମ୍ ପାଇଁ ୯୦ କୋଟି
- 'ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ' ଯୋଜନାରେ ୧୩୫୩ କୋଟି
- 'ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟସେବା ମିଶନ'ରେ ୧୫୭୨ କୋଟି
- 'ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ମିଶନ'ରେ ୧୭୫୫ କୋଟି
- ବସୁଧା ଯୋଜନାରେ ୨୪୧୯ କୋଟି
- ଜଳ ଜୀବନ ମିଶନ ପାଇଁ ୬,୩୦୦ କୋଟି
- ଅସଂପୂର୍ଣ୍ଣ ଏଆଇବିପି ପାଇଁ ୨୨୫୮ କୋଟି
- ୫ ଲକ୍ଷ ପକ୍କା ଘର ନିର୍ମାଣ ପାଇଁ ୩୦୦୦ କୋଟି
- ମଧ୍ୟାହ୍ନ ଭୋଜନ ପାଇଁ ୯୫୭ କୋଟି
- ଡିବିଟି ମାଧ୍ୟମରେ ଛାତ୍ରବୃତ୍ତି ପାଇଁ ୧୦୦୨ କୋଟି
- ଅତିରିକ୍ତ ପୋଷଣ କାର୍ଯ୍ୟକ୍ରମ ପାଇଁ ୧୧୧୩ କୋଟି
- ସଡ଼କ ଓ ସେତୁ ନିର୍ମାଣ ପାଇଁ ୨୨୯୬ କୋଟି
- ବନ୍ୟା ନିୟନ୍ତ୍ରଣ ପାଇଁ ୭୧୦ କୋଟି